# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 16 January - 2025

### News Editor : Tapan Kumar Maharana

*********************************

## ମୁଖ୍ୟ ସମ୍ବାଦ

- ଇସ୍ରୋର ସ୍ପାଡେକ୍ସ ମିଶନ ଅଧିନରେ ସାଟେଲାଇଟ୍ ଡକିଂ ବ୍ୟବସ୍ଥା ସଫଳତାର ସହ ସମ୍ପନ୍ନ କରି ବିଶ୍ୱରେ ଚତୁର୍ଥ ସ୍ଥାନ ହାସଲ କଲା ଭାରତ
- ଜାତୀୟ ଶିକ୍ଷାନୀତି ରାଜ୍ୟରେ କାର୍ଯ୍ୟକାରୀ କରିବା ଲକ୍ଷ୍ୟ ନେଇ ଗଠିତ ହେଲା ଷ୍ଟିଅରିଂ କମିଟି
- ରାଜ୍ୟରେ ଏଚ୍‌ଏମ୍‌ପିଭି ସଂକ୍ରମଣ ନେଇ କୌଣସି ସୂଚନା ନାହିଁ; କହିଲେ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଏବଂ

- ହକି ଇଣ୍ଡିଆ ଲିଗ୍‌ର ପୁରୁଷ ବର୍ଗରେ ବେଦାନ୍ତ କଳିଙ୍ଗ ଲାନସର୍ସ ଏବଂ ଦିଲ୍ଲୀ ଏସ୍‌ଜି ପାଇପର୍ସ୍ ଓ ମହିଳା ବର୍ଗରେ ଓଡ଼ିଶା ୱାରିଅର୍ସ ଏବଂ ବେଙ୍ଗଲ ଟାଇଗର୍ସ ମଧ୍ୟରେ ଆଜି ଖେଳାଯିବ ମ୍ୟାଚ୍

## ଇସ୍ରୋ-ସ୍ପାଡେକ୍ସ

ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଇସ୍ରୋ ଆଜି ସ୍ପାଡେସ୍କ ମିଶନ ଅଧୀନରେ ଦୁଇଟି ସାଟେଲାଇଟ୍‌ର ଡକିଂ ସଫଳତାର ସହ ଶେଷ କରିଛି । ଏହି ସଫଳତା ସହ ଭାରତ ବିଶ୍ୱରେ ଚତୁର୍ଥ ରାଷ୍ଟ୍ରର ମାନ୍ୟତା ପାଇଛି। ପୂର୍ବରୁ ଆମେରିକା, ଋଷିଆ ଏବଂ ଚୀନ୍ ଏହି ସଫଳତା ହାସଲ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉପଗ୍ରହର ମହାକାଶ ଡକିଂର ସଫଳ ପ୍ରଦର୍ଶନ ପାଇଁ ଇସ୍ରୋର ବୈଜ୍ଞାନିକ ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଆଗାମୀ ବର୍ଷ ଗୁଡ଼ିକରେ ଦେଶର ମହତ୍ୱାକାଂକ୍ଷୀ ମହାକାଶ ଅଭିଯାନ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସାବ୍ୟସ୍ତ ହେବ। କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ରାଷ୍ଟ୍ର ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଏହି ସଫଳତାକୁ ଭୂୟସୀ ପ୍ରଶଂସା କରିଛନ୍ତି । ଏହି ଅଭିଯାନ ଦ୍ୱାରା ଭାରତୀୟ ଅନୁସନ୍ଧାନ ଷ୍ଟେସନ ଚନ୍ଦ୍ରଯାନ-୪ ଏବଂ ଗଗନଯାନ ସମେତ ସମସ୍ତ ଭବିଷ୍ୟତ ଅଭିଯାନ ଗୁଡ଼ିକ ସୁରୁଖୁରୁରେ ପରିଚାଳିତ ହେବ ବୋଲି ଡକ୍ଟର ସିଂହ ଆଶାବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସଫଳତା ପାଇଁ ଇସ୍ରୋକୁ ଅଭିନନ୍ଦନ ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ଐତିହାସିକ ଉପଲବ୍ଧି ଦେଶର ଅନ୍ତରୀକ୍ଷ ଗବେଷଣା ଏବଂ ପ୍ରଯୁକ୍ତି କ୍ଷେତ୍ରକୁ ଶକ୍ତି ପ୍ରଦାନ କରିବ।

## ଜାତୀୟ ଶିକ୍ଷାନୀତି

ରାଜ୍ୟରେ ଆସନ୍ତା ଶିକ୍ଷାବର୍ଷ ୨୦୨୫-୨୬ରୁ ଜାତୀୟ ଶିକ୍ଷାନୀତି-୨୦୨୦ ଲାଗୁ କରାଯିବା ନେଇ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ

ପାଇଛି । ନୂଆ ଶିକ୍ଷାନୀତି ଅନୁସାରେ, ଦଶମ ଏବଂ ଯୁକ୍ତ ଦୁଇ ଢାଞ୍ଚାକୁ ପରିବର୍ତ୍ତନ କରାଯାଇ ୫ ପ୍ଲସ୍ ୩ ପ୍ଲସ୍ ୩ ପ୍ଲସ୍ ୪ ଢାଞ୍ଚାରେ ବିଦ୍ୟାଳୟ ପାଠପଢ଼ାରେ ଲାଗୁ ହେବ । ଜଣେ ଶିକ୍ଷାର୍ଥୀଙ୍କର ପ୍ରାଥମିକ ଶିକ୍ଷାର ଆରମ୍ଭ ମୌଳିକ ବର୍ଷକୁ ୫ ବର୍ଷ ରଖାଯାଇଛି । ଶିକ୍ଷାନୀତିରେ ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷାକୁ ଗୁରୁତ୍ୱ ଦିଆଯାଇଛି । ସ୍ଥାନୀୟ ବିଷୟବସ୍ତୁ ଓ ପ୍ରସଙ୍ଗଗୁଡ଼ିକ ସହିତ ଜାତୀୟ ପାଠ୍ୟପୁସ୍ତକକୁ ନେଇ ପାଠ୍ୟକ୍ରମ ପ୍ରସ୍ତୁତ କରାଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି । ଏହି ଶିକ୍ଷାନୀତି ଲାଗୁ ହେଲେ ଗୁଣାତ୍ମକ ଶିକ୍ଷା ସହିତ ଅଧାରୁ ପାଠ ଛାଡୁଥିବା ପିଲାଙ୍କ ସଂଖ୍ୟା ନ୍ୟୁନତମ ସ୍ଥାନରେ ପହଞ୍ଚିବ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ ଆଶାବ୍ୟକ୍ତ କରିଛନ୍ତି । ପ୍ରତି ପଞ୍ଚାୟତରେ ଗୋଦାବରିଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରିବା ନେଇ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ସେ କହିଛନ୍ତି । ଏଥିରେ ଡିଜିଟାଲ ଶିକ୍ଷାକୁ ମଧ୍ୟ ଗୁରୁତ୍ୱ ପ୍ରଦାନ କରାଯାଇଛି ।

ରାଜ୍ୟରେ ମାଧୋ ସିଂ ହାତଖର୍ଚ୍ଚ ଯୋଜନା ଲାଗୁ ହୋଇଛି । ଏଥିପାଇଁ ୧୫୬ କୋଟି ଟଙ୍କା ବ୍ୟୟବରାଦ ହୋଇଥିବା ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି । ନବମ ଏବଂ ଏକାଦଶ ଶ୍ରେଣୀର ପିଲାଙ୍କ ଆକାଉଣ୍ଟକୁ ସିଧାସଳଖ ଅର୍ଥପ୍ରଦାନର ବ୍ୟବସ୍ଥା ହୋଇଛି । ପିଏମ୍‌ଶ୍ରୀ ଯୋଜନା ଅଧିନରେ ରାଜ୍ୟର ଏପର୍ଯ୍ୟନ୍ତ ୩୫୦ଟି ସ୍କୁଲକୁ ସାମିଲ କରାଯାଇଛି । ଏଥିରେ ଅଧିକ ବିଦ୍ୟାଳୟକୁ ସାମିଲ କରିବା ନେଇ କେନ୍ଦ୍ର ସରକାରଙ୍କୁ ଅନୁରୋଧ

କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ ସୂଚନା ଦେଇଛନ୍ତି। ଆସନ୍ତା ୨୧ ରୁ ୨୩ ତାରିଖ ପର୍ଯ୍ୟନ୍ତ ଜାତୀୟ ଶିକ୍ଷାନୀତି ଆଧାରିତ କର୍ମଶାଳା ଅନୁଷ୍ଠିତ ହେବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ଜାତୀୟ ଶିକ୍ଷାନୀତିକୁ କାର୍ଯ୍ୟକାରୀ କରିବା ଲକ୍ଷ୍ୟରେ ପ୍ରଫେସର ନିତ୍ୟାନନ୍ଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ଷ୍ଟିଅରିଂ କମିଟି ଗଠନ କରାଯାଇଛି। ଏହି ୧୬ ଜଣିଆ କମିଟି ନୂତନ ପାଠ୍ୟଖସଡା ପ୍ରସ୍ତୁତ ନେଇ ସମାଜର ବିଭିନ୍ନ ବର୍ଗର ଲୋକଙ୍କର ମତାମତ ଆଧାରରେ ତାଙ୍କର ରିପୋର୍ଟ ପ୍ରସ୍ତୁତ କରିବେ ବୋଲି ପ୍ରଫେସର ପ୍ରଧାନ କହିଛନ୍ତି.....

## - V/O –

## ଏଚ୍ଏମ୍ପିଭି

ରାଜ୍ୟରେ ଏପର୍ଯ୍ୟନ୍ତ ଏଚ୍ଏମ୍ପିଭି ସଂକ୍ରମଣ ନେଇ କୌଣସି ସୂଚନା ମିଳିନାହିଁ। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ତି, ପରୀକ୍ଷା ହୋଇଥିବା ନମୁନାଗୁଡ଼ିକ ମଧ୍ୟରୁ କୌଣସିଥିରେ ସଂକ୍ରମଣ ଥିବାର ସୂଚନା ନାହିଁ। ଏଚ୍ଏମ୍ପିଭି ସଂକ୍ରମଣ ନେଇ ଭୟଭୀତ ନ ହେବାକୁ ସେ ରାଜ୍ୟବାସୀଙ୍କୁ କହିଛନ୍ତି...

## - V/O –

## ଷ୍ଟାର୍ଟଅପ୍ ଇଣ୍ଡିଆ

ଭାରତୀୟ ଅର୍ଥନୀତିରେ ଷ୍ଟାର୍ଟଅପ୍ ଅବଦାନକୁ ସ୍ୱୀକୃତି ଦେବା ଷ୍ଟାର୍ଟଅପ୍ ପ୍ରତିଷ୍ଠାତାଙ୍କର ସୃଜନଶୀଳତା ଏବା ନିଷ୍ଠାକୁ ସମ୍ମାନ ପ୍ରଦର୍ଶନ କରିବା ଲକ୍ଷ୍ୟରେ ପ୍ରତ୍ୟେକ ବର୍ଷ ଆଜିର ଦିବସକୁ ଷ୍ଟାର୍ଟଅପ୍ ଦିବସ ରୂପେ ପାଳନ କରାଯାଉଛି। ୨୦୧୬ ମସିହାରେ କେନ୍ଦ୍ର ସରକାର **ଷ୍ଟାର୍ଟଅପ୍ ଇଣ୍ଡିଆ** ଯୋଜନାର ଶୁଭାରମ୍ଭ କରିଥିଲେ। ନବସୃଜନକୁ ଉତ୍ସାହିତ କରିବା ଏବଂ ଉଦ୍ୟୋଗୀଙ୍କୁ ଅନୁକୂଳ ବାତାବରଣ ପ୍ରଦାନ କରିବା ଲକ୍ଷ୍ୟରେ ଷ୍ଟାର୍ଟଅପ୍‌ଗୁଡ଼ିକ ପାଇଁ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୨୨ରେ ଜାନୁୟାରୀ ୧୬ ତାରିଖକୁ ଜାତୀୟ ଷ୍ଟାର୍ଟଅପ୍ ଦିବସ ଭାବେ ଘୋଷଣା କରିଥିଲେ। ଷ୍ଟାର୍ଟଅପ୍ ଇଣ୍ଡିଆ ଯୋଜନାକୁ ଆଜି ୯ ବର୍ଷ ପୂରଣ ହୋଇଛି ।

ସୂଚନା ଅନୁସାରେ, ଏହି ସମୟ ମଧ୍ୟରେ ଦେଶରେ ୧ ଲକ୍ଷ ୫୭ ହଜାରରୁ ଅଧିକ ଷ୍ଟାର୍ଟଅପ୍ ସୃଷ୍ଟି କରାଯାଇଛି । ଏହି ଷ୍ଟାର୍ଟଅପ୍‌ଗୁଡ଼ିକୁ ୧୩ ଲକ୍ଷ କୋଟି ଟଙ୍କାର ପାଣ୍ଠି ମିଳିଛି । ଦେଶର ମୋଟ ଷ୍ଟାର୍ଟଅପ୍‌ଗୁଡ଼ିକରୁ ପ୍ରାୟ ୪୮ ପ୍ରତିଶତ ଷ୍ଟାର୍ଟଅପ୍‌ରେ ଅତିକମ୍‌ରେ ଜଣେ ମହିଳା ନିର୍ଦ୍ଦେଶକ ଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି । ଦେଶର ୯୫ ପ୍ରତିଶତ ଜିଲ୍ଲାରେ ନୂଆ ଷ୍ଟାର୍ଟଅପ୍ ସୃଷ୍ଟି ହୋଇଥିବା ଜଣାପଡିଛି।

ଦେଶକୁ ଷ୍ଟାର୍ଟଅପ୍ କ୍ଷେତ୍ରରେ ଏକ ସର୍ବୋତ୍କୃଷ୍ଟ ସ୍ଥାନରେ ପରିଣତ କରିଥିବା ଆଜିର ଯୁବଶକ୍ତିଙ୍କ କଳା ଓ କୌଶଳ ପାଇଁ ଆମେ ଗର୍ବିତ ବୋଲି **ପ୍ରଧାନମନ୍ତ୍ରୀ** ଶ୍ରୀ ମୋଦୀ ସାମାଜିକ ଗଣମାଧ୍ୟମରେ କହିଛନ୍ତି।

ଗତ ୯ ବର୍ଷ ମଧ୍ୟରେ ଭାରତୀୟ ଷ୍ଟାର୍ଟଅପ୍ ଭିତ୍ତିଭୂମି ଏକ ବିଶ୍ୱଶକ୍ତିରେ ପରିଣତ ହୋଇଛି। ନିଯୁକ୍ତି କ୍ଷେତ୍ରରେ ଏକ ବୈପ୍ଲବିକ ପରିବର୍ତ୍ତନ ଆସିଛି ବୋଲି **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ କହିଛନ୍ତି।

ସ୍ୱାସ୍ଥ୍ୟ, ଶକ୍ତି, କୃଷି, ସୂଚନା ପ୍ରସାରଣ, କୃତ୍ରିମ ବୁଦ୍ଧିମତା, ଅତ୍ୟାଧୁନିକ ଜ୍ଞାନକୌଶଳ ଆଦି ବିଭିନ୍ନ କ୍ଷେତ୍ରରେ ଷ୍ଟାର୍ଟଅପ୍ ଯୋଜନା ଏକ ଅଭୂତପୂର୍ବ ପରିବର୍ତ୍ତନ ଆଣିଥିବା କେନ୍ଦ୍ରମନ୍ତ୍ରୀ **ଧର୍ମେନ୍ଦ୍ର ପ୍ରଧାନ** କହିଛନ୍ତି।

ଓଡ଼ିଶାରେ ମଧ୍ୟ ଷ୍ଟାର୍ଟଅପ୍ କ୍ଷେତ୍ର ଯଥେଷ୍ଟ ଅଗ୍ରଗତି କରିଥିବା ଜଣାପଡିଛି। ଏପର୍ଯ୍ୟନ୍ତ ରାଜ୍ୟରେ ୨ ହଜାରରୁ ଅଧିକ ଷ୍ଟାର୍ଟଅପ୍ ଗଠିତ ହୋଇଥିବା ଜଣାପଡିଛି। ତେବେ ସେଥିମଧ୍ୟରୁ ଅର୍ଦ୍ଧାଧିକ ମହିଳାଙ୍କ ନେତୃତ୍ୱରେ ପରିଚାଳିତ ହେଉଛି। ଗତବର୍ଷ ରାଜ୍ୟରେ ୫୮୭ଟି ନୂଆ ଷ୍ଟାର୍ଟଅପ୍ ଗଠନ କରାଯାଇଛି।

ଷ୍ଟାର୍ଟଅପ୍ ଓଡ଼ିଶାର କାର୍ଯ୍ୟନିର୍ବାହୀ ଅଧିକାରୀ କମଲଜିତ୍ ଦାସ କହିଛନ୍ତି, ଆସନ୍ତା ୨୮ ଏବଂ ୨୯ ତାରିଖରେ ଭୁବନେଶ୍ୱରରେ ଉତ୍କର୍ଷ ଓଡ଼ିଶା ମେକ୍ଇନ୍ ଓଡ଼ିଶା କନ୍‌କ୍ଲେଭ୍-୨୦୨୫ରେ ୪୦ଟି ଷ୍ଟାର୍ଟଅପ୍‌କୁ ଉତ୍ପାଦ ପ୍ରଦର୍ଶନ କରିବାର ସୁଯୋଗ ମିଳିବ। ଏହି ଅବସରରେ ଷ୍ଟାର୍ଟଅପ୍ କ୍ଷେତ୍ର ଆଧାରିତ ଆଲୋଚନାଚକ୍ର ଏବଂ ପ୍ରସଙ୍ଗ ଭିତ୍ତିକ ଅଧିବେଶନ ଆୟୋଜନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ଗାଁ ଅଭିମୁଖେ ଯାତ୍ରା

ଲୋକଙ୍କ ସମସ୍ୟାକୁ ତ୍ୱରିତ ସମାଧାନର ଲକ୍ଷ୍ୟ ନେଇ ପ୍ରଶାସନିକ ଅଧିକାରୀଙ୍କ ଗାଁ ଅଭିମୁଖେ ଯାତ୍ରା ଅଭିଯାନ ଗଞ୍ଜାମ ଜିଲ୍ଲାରେ ଆରମ୍ଭ ହୋଇଛି । ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାର ଆସିକା ବ୍ଲକ୍ ଅନ୍ତର୍ଗତ ବାବନପୁର ପଞ୍ଚାୟତ, ବେଲଗୁଣ୍ଠାର ଗାଙ୍ଗପୁର, ଭଞ୍ଜନଗର ଓ ଜଗନ୍ନାଥପ୍ରସାଦରେ ଏହି ଅଭିଯାନ କାର୍ଯ୍ୟକାରୀ କରାଯାଇଛି । ପାନୀୟ ଜଳ ସମସ୍ୟା, ସ୍ୱଚ୍ଛତା, ବର୍ଜ୍ୟବସ୍ତୁ ପରିଚାଳନା, ଶିକ୍ଷାବ୍ୟବସ୍ଥା ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ପ୍ରଶାସନିକ ଅଧିକାରୀମାନେ ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି । ଆସିକା ତହସିଲଦାର ସଙ୍ଗୀତା ସେନ୍‌ଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ ଏହି ଅଭିଯାନରେ ସାମିଲ ହୋଇଛନ୍ତି ।

ସେହିପରି ଭଞ୍ଜନଗର ଅନ୍ତର୍ଗତ ଗାଙ୍ଗପୁରଠାରେ ଅନୁଷ୍ଠିତ ଏହି ଅଭିଯାନରେ ବିଧାୟକ ନିଳମଣୀ ବିଶୋୟୀ ଏବଂ ଉପଜିଲ୍ଲାପାଳ ଅନୀଲ କୁମାର ସେଠୀ ପ୍ରମୁଖ ଯୋଗ ଦେଇଥିଲେ । ସ୍ଥାନୀୟ ଜନସାଧାରଣଙ୍କ ସମସ୍ୟା ଉପରେ ଆଲୋଚନା ଅନୁଷ୍ଠିତ ହେବା ସହ ଏହାର ସମାଧାନର ପନ୍ଥା ବାହାର କରିବାକୁ ବିଧାୟକ ଶ୍ରୀ ବିଶୋୟୀ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ଗଙ୍ଗାମାତା ପୂଜା

**ଭଦ୍ରକ** ଜିଲ୍ଲା ଚାନ୍ଦବାଲି ବ୍ଲକ୍ ଧାମରାଠାରେ ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ପକ୍ଷରୁ ଗଙ୍ଗାମାତା ପୂଜା ଆରମ୍ଭ ହୋଇଛି । ମୃଣ୍ମୟୀ ମୂର୍ତ୍ତି ପ୍ରତିଷ୍ଠା କରାଯାଇ

ଗଙ୍ଗାମାତାଙ୍କର ପୂଜା କରାଯାଉଛି। ୧୦ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପୂଜା ସମୟରେ ମତ୍ସ୍ୟଜୀବୀମାନେ ସମୁଦ୍ରକୁ ମାଛ ଧରିବାକୁ ଯାଆନ୍ତି ନାହିଁ। ଅତ୍ୟନ୍ତ ନିଷ୍ଠା ଏବଂ ଶ୍ରଦ୍ଧାର ସହ ସେମାନେ ପ୍ରତ୍ୟେକବର୍ଷ ଏହି ପୂଜା ପାଳନ କରିଥାନ୍ତି।

## ପକ୍ଷୀଗଣନା

ଆଠଗଡ଼ ବନଖଣ୍ଡରେ ଆସନ୍ତା ୧୮ ତାରିଖରୁ ପକ୍ଷୀଗଣନା କାର୍ଯ୍ୟ ଆରମ୍ଭ ହେବ। ବନଖଣ୍ଡ ଅଧିନସ୍ଥ ୫ଟି ରେଞ୍ଜ୍ର ୬୦ଟି ସ୍ଥାନରେ ପକ୍ଷୀଗଣନା କରାଯିବ। ଚଳିତବର୍ଷ ବିଭିନ୍ନ ପ୍ରଜାତିର ପକ୍ଷୀ ଆସିଥିବା ଜଣାପଡିଛି। ଆସନ୍ତା ଜୁନ୍ ପର୍ଯ୍ୟନ୍ତ ମହାନଦୀର ବିଭିନ୍ନ ସ୍ଥାନରେ ଏହି ପକ୍ଷୀଗୁଡ଼ିକ ଦେଖିବାକୁ ମିଳିଥାନ୍ତି। ଗଣନା ପାଇଁ ୬୦ଟି ଦଳ ଗଠନ କରାଯାଇଛି। ପକ୍ଷୀଙ୍କ ସୁରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ହକି

ହକି ଇଣ୍ଡିଆ ଲିଗ୍ର ପୁରୁଷ ବର୍ଗ ପ୍ରତିଯୋଗିତାରେ ଆଜି ବେଦାନ୍ତ କଳିଙ୍ଗ ଲାନ୍ସର୍ସ୍ ଓ ଦିଲ୍ଲୀ ଏସ୍.ଜି. ପାଇପର୍ସ୍ ମଧ୍ୟରେ ମୁକାବିଲା ହେବ । ରାଉରକେଲା ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମ୍ରେ ରାତି ୮ଟା ୧୫ ମିନିଟ୍ରେ ଏହି ମ୍ୟାଚ୍ ଖେଳାଯିବ।

ସେହିପରି ମହିଳା ବର୍ଗରେ ରାଞ୍ଚି ସ୍ଥିତ ଜୟପାଲ୍ ସିଂହ ହକି ଷ୍ଟାଡିୟମ୍‌ରେ ସନ୍ଧ୍ୟା ୬ଟାରେ ସ୍ୱାଚୀ ରାର୍ ବେଙ୍ଗଲ ଟାଇଗର୍ସ୍ ଏବଂ ଓଡ଼ିଶା ୱାରିୟର୍ସ୍ ମଧ୍ୟରେ ମୁକାବିଲା ହେବ ।

*********************************